ଧରିତ୍ରୀ
DHARITRI

# ମନ ମିଜାଜ

ଗୁରୁବାର, ୨୨ ନଭେମ୍ବର, ୨୦୧୮

ଆକର୍ଷଣ କରୁଛି
ଜୁଲୁରିପାଇନ୍ ବଣ
ପୃ ୭

ମୋ ଅନୁଭୂତି
ରିକ୍ସା ଚାଳକଙ୍କ କାହାଣୀ ସବୁବେଳେ କନ୍ଦାଏ
ପୃ ୬



ଧରିତ୍ରୀ ଆଳାପ
ଲିସା ରାଏ
ପୃ-୮



ଖାଦ୍ୟରୁଚି
ତନ୍ଦୁରୀ ଭେକ୍‌ଟି
ପୃ-୩

# ଶୀତରେ ଆକର୍ଷଣ

ପଡ଼ିଲାଣି ହାଲ୍‌କା ହାଲ୍‌କା ଶୀତ। ଆରମ୍ଭ ହୋଇଗଲାଣି ମଉଜମସ୍ତିର ଋତୁ। ବ୍ୟସ୍ତବହୁଳ ଜୀବନ ଭିତରୁ ସମୟ ଟିକେ କାଢି ମନ ହାଲ୍‌କା କରିବାକୁ ସମସ୍ତେ ସଜବାଜ ହେଲେଣି। ଭୋଜିଭାତ, ନାଚଗୀତ ଓ ଖାଦ୍ୟପେୟର ଆସର ସହ ଶୀତକୁ ସ୍ୱାଗତ କରିବାକୁ ପ୍ରସ୍ତୁତ ହେଲେଣି। ପ୍ରାକୃତିକ ପରିବେଶ ମଧ୍ୟରେ ପ୍ରକୃତି ସହ କିଛି ସମୟ କଟାଇବାକୁ ଏବେଠାରୁ ପ୍ରସ୍ତୁତି ଚାଲିଲାଣି। ଶୀତ ଋତୁର ଅନ୍ୟତମ ଆକର୍ଷଣ ଜଳପ୍ରପାତ ହୋଇଥିବାବେଳେ ଓଡ଼ିଶାର ଏକ ପ୍ରମୁଖ ଆକର୍ଷଣ ହେଉଛି ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଝରଣା। ଘଞ୍ଚ ଜଙ୍ଗଲର ସବୁଜିମା ମଧ୍ୟରେ କୁଳୁକୁଳୁ ନାଦରେ ବହୁଥିବା ଜଳପ୍ରପାତ କେବଳ ଓଡ଼ିଶା ନୁହେଁ, ରାଜ୍ୟ ଏବଂ ଦେଶ ବାହାରୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଓଡ଼ିଶାର ଦୀର୍ଘତମ ଜଳପ୍ରପାତ ବରେହିପାଣିରୁ ଆରମ୍ଭକରି ଡୁଡୁମା ପର୍ଯ୍ୟନ୍ତ, ପ୍ରକୃତିପ୍ରେମୀଙ୍କୁ ଏହା ଦେଇଥାଏ ଏକ ଭିନ୍ନ ଓ ନିଆରା ଅନୁଭୂତି। ଓଡ଼ିଶାର ସେଭଳି କେତେକ ଜଳପ୍ରପାତକୁ ନେଇ ଏହି ଉପସ୍ଥାପନା।

ପୃ ୨



ଦେବକୁଣ୍ଡ



ଡୁଡୁମା



ବରେହିପାଣି

ପ୍ରଥମ ପୃଷ୍ଠାରୁ...

# ଶୀତରେ ଆକର୍ଷଣ


ଫୁର୍ଲିଝରଣ୍


ଯୋରନ୍ଦା ପ୍ରପାତ


ପୁଟୁଡ଼ି

ରିପୋର୍ଟ: ସସ୍ମିତା ପାଇକରାୟ

## ବରେହିପାଣି

ମୟୂରଭଞ୍ଜ ଜିଲାର ଶିମିଳିପାଳ ଜାତୀୟ ଉଦ୍ୟାନ ମଧ୍ୟରେ ଥିବା 'ବରେହିପାଣି' ଓଡ଼ିଶାର ସର୍ବାଧିକ ଉଚ୍ଚତା ବିଶିଷ୍ଟ ଜଳପ୍ରପାତ। ବୁଢ଼ାବଳଙ୍ଗ ନଦୀରେ ଅବସ୍ଥିତ ଏହି ପ୍ରପାତ ଶିମିଳିପାଳର ମେଘାଶୁଣୀ ପର୍ବତ ଉପରୁ ତଳକୁ ଖସିଥିବା ବେଳେ ଦେଖଣାହାରିଙ୍କ ପାଇଁ ସୃଷ୍ଟିକରିଛି ମନଲୋଭା ଦୃଶ୍ୟ। ୩୯୯ ମିଟର ଉଚ୍ଚତାରୁ ତଳକୁ ଖସୁଥିବା ବରେହିପାଣି ପ୍ରପାତର ଦୁଇଟି ଧାର। ଏହାର ସର୍ବୋଚ୍ଚ ଧାର ୨୫୯ ମିଟରରେ ରହିଛି। ମୟୂରଭଞ୍ଜର ଯଶିପୁର ସହରରୁ ମାତ୍ର ୧୨୦ କିମି ଦୂରରେ ଥିବା ଏହି ଜଳପ୍ରପାତ ପ୍ରାକୃତିକ ସବୁଜିମା ଭିତରେ ଶୋଭାପାଉଥିବା ବେଳେ ଏଠାରେ ପର୍ଯ୍ୟଟକମାନେ ଶିମିଳିପାଳ ଅଭୟାରଣ୍ୟରେ ଥିବା ବନ୍ୟଜନ୍ତୁଙ୍କୁ ଦେଖିବାର ମଧ୍ୟ ସୁଯୋଗ ପାଇପାରିବେ। ମହାବଳ ସହ ଧଳାବାଘ ଏହି ଅଭୟାରଣ୍ୟର ପ୍ରମୁଖ ଆକର୍ଷଣ।

## ଯୋରନ୍ଦା ପ୍ରପାତ

ବରେହିପାଣି ପରେ ଶିମିଳିପାଳ ଜାତୀୟ ଉଦ୍ୟାନର ଆଉ ଏକ ଆକର୍ଷଣ ହେଲା ଯୋରନ୍ଦା ଜଳପ୍ରପାତ। ଶିମିଳିପାଳ ଅଭୟାରଣ୍ୟର କୋର୍ ଏରିଆ ମଧ୍ୟରେ ରହିଥିବା ଏହି ପ୍ରପାତର ଉଚ୍ଚତା ୧୫୦ ମିଟର। ଭାରତର ୧୯ତମ ଦୀର୍ଘତମ ଜଳପ୍ରପାତର ମାନ୍ୟତା ପାଇଥିବା ଯୋରନ୍ଦା ଜଳପ୍ରପାତ ବରେହିପାଣିଠାରୁ ମାତ୍ର ଅଳ୍ପ ଦୂରତା ମଧ୍ୟରେ ଅବସ୍ଥିତ। କିନ୍ତୁ ଗୋଟିଏ ଝରରେ ତଳକୁ ଖସୁଥିବା ଏହି ଜଳପ୍ରପାତ ଦେଖିବାକୁ ବେଶ୍ ଆକର୍ଷଣୀୟ।

## ଡୁଡୁମା

କୋରାପୁଟଠାରୁ ୯୨ କିମି ଦୂରତାରେ ଥିବା ଡୁଡୁମା ଜଳପ୍ରପାତ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ସୀମାରେ ଅବସ୍ଥିତ। ମାଛକୁଣ୍ଡ ନଦୀରୁ ସୃଷ୍ଟି ହୋଇଥିବା ଏହି ପ୍ରପାତ ଭାରତର ଏକ ଜଣାଶୁଣା ଜଳପ୍ରପାତ ମଧ୍ୟରୁ ଅନ୍ୟତମ। ୧୭୫ ମିଟର ଉଚ୍ଚତା ବିଶିଷ୍ଟ ଡୁଡୁମା ଓଡ଼ିଶାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ଘନ ଜଙ୍ଗଲ ଓ ସୁଉଚ୍ଚ ପାହାଡ଼ କୋଳରେ ଥିବା ଏହି ଜଳପ୍ରପାତ ନିକଟରେ ରହିଛି ମାଛକୁଣ୍ଡ ହାଇଡ୍ରୋ ଇଲେକ୍ଟ୍ରିକ୍ ପାୱାର ପ୍ରୋଜେକ୍ଟ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା, ଡୁଡୁମାର ଦୁଇଟି ଶାଖା ଜଳପ୍ରପାତ ରହିଥିବା ବେଳେ ଏହାମଧ୍ୟରୁ ଗୋଟିଏ ଓଡ଼ିଶା ଆଡକୁ ପଡ଼ିଥିବା ବେଳେ ଅନ୍ୟଟି ଆନ୍ଧ୍ରପ୍ରଦେଶ ଆଡକୁ ରହିଛି। ସେହିଭଳି ଏଠାରେ ଓଡ଼ିଶାର ଆଦିବାସୀ ପର୍ଯ୍ୟଟନର ଝଲକ ଦେଖିବାକୁ ମିଳିବ। ଜଣେ ଚାହିଁଲେ ବଣ୍ଡା ଜନଜାତିଙ୍କର ଖାଦ୍ୟ, କଳା, ସଂସ୍କୃତି ଓ ଚାଲିଚଳଣିର ଝଲକ ଦେଖିପାରିବେ।

## ଖଣ୍ଡାଧାର


ଖଣ୍ଡାଧାର

ସୁନ୍ଦରଗଡ଼ ଜିଲାରେ ରହିଛି ରାଜ୍ୟର ଏକ ଆକର୍ଷଣୀୟ ଜଳପ୍ରପାତ ଖଣ୍ଡାଧାର। ଘୋଡ଼ାଲାଞ୍ଜ ସଦୃଶ ଏହି ଜଳପ୍ରପାତର ଉଚ୍ଚତା ୨୪୪ ମିଟର, ଯାହାକି ଦେଶର ଦ୍ୱାଦଶ ଉଚ୍ଚତମ ପ୍ରପାତ। ସୁନ୍ଦରଗଡ଼ ଜିଲାର ବଣାଇଗଡ଼ ଅନ୍ତର୍ଗତ ନଦପାଣି ଅଞ୍ଚଳରେ ଏହା ଅବସ୍ଥିତ ହୋଇଥିବା ବେଳେ ରାଉରକେଲାଠାରୁ ୧୦୪ କିମି ଏବଂ କେନ୍ଦୁଝରଠାରୁ ୧୩୨ କିମି ଦୂରତା ମଧ୍ୟରେ ରହିଛି। ତେବେ ଦେଖିବାକୁ ଖଣ୍ଡା ଭଳି ହୋଇଥିବାରୁ ଏହାର ନାମ ଖଣ୍ଡାଧାର ରହିଛି। ପର୍ଯ୍ୟଟକମାନେ ଏଠାକୁ ଟ୍ରେକିଂରେ ମଧ୍ୟ ଯାଇପାରିବେ। କୋରାପାଣି ନାଳରୁ ସୃଷ୍ଟି ହୋଇଥିବା ଏହି ଏକଧାର ବିଶିଷ୍ଟ ପ୍ରପାତକୁ ନେଇ ଅନେକ ଲୋକକଥା ଜଡ଼ିତ ରହିଛି। ଖଣ୍ଡାଧାର ନିକଟକୁ ଲାଗି ଓଡ଼ିଶାର ଅନ୍ୟତମ ଲୋକପ୍ରିୟ ଜନଜାତି 'ପାଉଡ଼ି ଭୂୟାଁ' ରହିଥାନ୍ତି। ଦିନେ କଙ୍କାଳ ଦେବୀ ନାମ୍ନୀ ଠାକୁରାଣୀ ଏଠାରେ ପୂଜା ପାଉଥିବା ବେଳେ ସେ ମାଟି ଖାଉଥିବାରୁ ଜନଜାତିମାନେ ତାଙ୍କୁ ଏକ ପଥର ଉପରେ ରଖି ପୂଜା କରୁଥିଲେ। ହେଲେ କାଳକ୍ରମେ ଉକ୍ତ ପଥରକୁ ମଧ୍ୟ କଙ୍କାଳ ଦେବୀ ଖାଇଦେବାରୁ ସେଠାରେ ଏକ ବିରାଟ ଗର୍ତ୍ତ ସୃଷ୍ଟିହୋଇ ଝରଣାର ଝର ପଡ଼ିଥିଲା ବୋଲି ଲୋକକଥା ରହିଛି।

## ବଡ଼ଘାଗରା ଓ ସାନଘାଗରା


ସାନଘାଗରା

କେନ୍ଦୁଝର ଜିଲାରେ ଅବସ୍ଥିତ ବଡ଼ଘାଗରା ଓ ସାନଘାଗରା ଜଳପ୍ରପାତ ରାଜ୍ୟର ଦୁଇ ପ୍ରମୁଖ ଜଳପ୍ରପାତ। କେନ୍ଦୁଝର ଜିଲା ମୁଖ୍ୟ କାର୍ଯ୍ୟାଳୟଠାରୁ ମାତ୍ର ୯ କିମି ଦୂରତାରେ ଥିବା ବଡ଼ଘାଗରା ପ୍ରପାତ ୬୦ ମିଟର ଉଚ୍ଚତାରୁ ତଳକୁ ଖସୁଛି। ବୈତରଣୀର ଶାଖାନଦୀ ଘାଗରାରୁ ବାହାରିଥିବା ଏହି ଜଳପ୍ରପାତର ବିଶେଷତ୍ୱ ହେଲା ଏହା କେବେ ଶୁଖିଲା ପଡେନାହିଁ। ସବୁବେଳେ ପ୍ରଖର ସ୍ରୋତରେ ବହୁଥିବା ବଡଘାଗରା ବର୍ଷତମାମ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ସାଜିଥାଏ। ଏହାସହ ଜିଲାର ଘଞ୍ଚଜଙ୍ଗଲ ଓ ସୁଉଚ୍ଚ ପର୍ବତ ଏଠାରେ ପର୍ଯ୍ୟଟକଙ୍କୁ ଟ୍ରେକିଂ ସହ ବଣଭୋଜି ମଜାନେବାର ଅବସର ମଧ୍ୟ ଦେଇଥାଏ। ବଡ଼ଘାଗରାଠାରୁ ଅଳ୍ପକିଛି ଦୂରରେ ରହିଛି ସାନଘାଗରା ଜଳପ୍ରପାତ, ଯାହା ଓଡ଼ିଶାର ଏକ ପରିବେଶ ପର୍ଯ୍ୟଟନସ୍ଥଳୀଭାବେ ବେଶ୍ ଜଣାଶୁଣା। କେନ୍ଦୁଝର ସହରଠାରୁ ମାତ୍ର ୫ କିମି ଦୂରରେ ଅବସ୍ଥିତ ସାନଘାଗରା ୩୦ମିଟର ଉଚ୍ଚତା ବିଶିଷ୍ଟ ହୋଇଥିବାବେଳେ ଏଠାରେ ଶିଶୁଉଦ୍ୟାନ ସହ ଟ୍ରାଇବାଲ ମ୍ୟୁଜିୟମ୍ ଭଳି ଆକର୍ଷଣୀୟ ସ୍ଥାନ ରହିଛି।

## ଫୁର୍ଲିଝରଣ୍


ହରିଶଙ୍କର

କଳାହାଣ୍ଡି ଜିଲାର କର୍ଲାପାଟ ବନ୍ୟଜନ୍ତୁ ଅଭୟାରଣ୍ୟ ମଧ୍ୟରେ ଥିବା ଫୁର୍ଲିଝରଣ୍ ଜଳପ୍ରପାତ ରାଜ୍ୟର ଏକ ଅନାଲୋଚିତ ଜଳପ୍ରପାତ। ଭବାନୀପାଟଣାଠାରୁ ମାତ୍ର ୧୫ କିମି ଦୂରରେ ଅବସ୍ଥିତ ଏହି ପ୍ରପାତର ପ୍ରାକୃତିକ ସୌନ୍ଦର୍ଯ୍ୟ ବହୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ମାତ୍ର ୯.୧ ମିଟର ଉଚ୍ଚତାରୁ ଝରିଥିବା ଏହି ଝରଣାର ଆକର୍ଷଣ ହେଲା ସୂର୍ଯ୍ୟକିରଣ ଜଳ ଉପରେ ସୃଷ୍ଟି ହେଉଥିବା ଇନ୍ଦ୍ରଧନୁ। ଜଳପ୍ରପାତର ଶାନ୍ତ ଓ ସବୁଜିମା ଭରା ପରିବେଶ ପର୍ଯ୍ୟଟକଙ୍କୁ ଏକ ନିଆରା ଅନୁଭୂତି ଦେବାସହ ଫଟୋଗ୍ରାଫରମାନଙ୍କ ପାଇଁ ଭୂସ୍ୱର୍ଗଭାବେ ଜଣାଶୁଣା। ଏଠାକୁ ବୁଲିଯିବାକୁ ସେପ୍ଟେମ୍ବରରୁ ଜାନୁୟାରୀ ଉତ୍କୃଷ୍ଟ ସମୟ ଏବଂ ଏହି ସମୟରେ ଏଠାକାର ପାଣିପାଗ ବୁଲିବା ପାଇଁ ଭଲ ରହିଥାଏ।

## ହରିଶଙ୍କର


ପ୍ରଧାନପାଟ

ଓଡ଼ିଶାର ଜଳପ୍ରପାତଗୁଡ଼ିକ ମଧ୍ୟରୁ ଅନ୍ୟତମ ଲୋକପ୍ରିୟ ଜଳପ୍ରପାତ ହରିଶଙ୍କର। ବଲାଙ୍ଗୀର ଜିଲାର ଗନ୍ଧମାର୍ଦ୍ଦନ ପର୍ବତରୁ ଝରୁଥିବା ଏହି ପ୍ରପାତ ହରିଶଙ୍କର ମନ୍ଦିର ନିକଟରେ ରହିଛି। ସହରର ବ୍ୟସ୍ତବହୁଳ ଜୀବନରୁ କିଛି ସମୟ କାଢି ପ୍ରକୃତି କୋଳରେ ରହିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଏହା ଏକ ଉପାଦେୟ ସ୍ଥାନ। ଗନ୍ଧମାର୍ଦ୍ଦନ ପର୍ବତର ଘଞ୍ଚ ସବୁଜିମା ଜଙ୍ଗଲ ସାଙ୍ଗକୁ ଝରଣାର କୁଳୁକୁଳୁ ଶବ୍ଦ ଏବଂ ହାଲ୍କା ହାଲ୍କା ଶୀତୁଆ ପବନ ଏଠାକାର ମୁଖ୍ୟ ଆକର୍ଷଣ।

## ଖଣ୍ଡୁଆଳ

ଓଡ଼ିଶାର ଆଉ ଏକ ଅନାଲୋଚିତ ଜଳପ୍ରପାତ 'ଖଣ୍ଡୁଆଳ ଜଳପ୍ରପାତ'। ଏହା କଳାହାଣ୍ଡିର କର୍ଲାପାଟ ଅଭୟାରଣ୍ୟ ମଧ୍ୟରେ ଅବସ୍ଥିତ ସୌନ୍ଦର୍ଯ୍ୟଭରା ପର୍ଯ୍ୟଟନସ୍ଥଳୀ। ପାହାଡପର୍ବତ ଘେରା କଳାହାଣ୍ଡି ଜିଲା ମଧ୍ୟରେ ଅବସ୍ଥିତ ଏହି ପ୍ରପାତ ପ୍ରକୃତିପ୍ରେମୀଙ୍କୁ ଆକୃଷ୍ଟ କରିଥାଏ। ଖଣ୍ଡୁଆଳ ଠାକୁରାଣୀଙ୍କ ନାମରେ ନାମିତ ହୋଇଥିବା ଏହି ଜଳପ୍ରପାତକୁ ବୁଲିବାର ଶ୍ରେଷ୍ଠ ସମୟ ଶୀତଦିନ ହୋଇଥିବା ବେଳେ ଜଣେ ଅକ୍ଟୋବରରୁ ମାର୍ଚ୍ଚ ମଧ୍ୟରେ ଏଠାକୁ ଯାଇପାରିବେ।

## ପୁଟୁଡ଼ି

କନ୍ଧମାଳ ଜିଲାର ଫୁଲବାଣୀ ନିକଟରେ ଥିବା ପୁଟୁଡ଼ି ଜଳପ୍ରପାତ ରାଜ୍ୟର ଏକ ଲୋକପ୍ରିୟ ଜଳପ୍ରପାତ ମଧ୍ୟରୁ ଅନ୍ୟତମ। ବଡ ସାଲୁଙ୍କି ନଦୀରେ ରହିଥିବା ଏହି ପ୍ରପାତ ପର୍ଯ୍ୟଟକଙ୍କୁ ଏକ ପାନାରାମା ଦୃଶ୍ୟ ଉପଭୋଗ କରିବାର ସୁଯୋଗ ଦେଇଥାଏ। ଏଠାରେ ଗାଧୋଇବା ପାଇଁ ଅନେକ ପସନ୍ଦ କରୁଥିବା ବେଳେ ସାଙ୍ଗସାଥୀ ଓ ପରିବାର ସହ ବଣଭୋଜି କରିବା ପାଇଁ ମଧ୍ୟ ଏକ ଉତ୍କୃଷ୍ଟ ସ୍ଥାନ। କେବଳ ସ୍ଥାନୀୟ କିମ୍ବା ଦେଶୀୟ ପର୍ଯ୍ୟଟକ ନୁହେଁ, ବିଦେଶୀ ପର୍ଯ୍ୟଟକଙ୍କୁ ମଧ୍ୟ ଏହା ଆକୃଷ୍ଟ କରିଥାଏ।

## ଦେବକୁଣ୍ଡ

ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଦେବକୁଣ୍ଡ ଜଳପ୍ରପାତ ଏକାଧିକ ଆକର୍ଷଣୀୟ ପ୍ରପାତକୁ ନେଇ ସୃଷ୍ଟିହୋଇଛି। ବାରିପଦା ସହରଠାରୁ ୬୫ କିମି ଏବଂ ଚାନ୍ଦିପୁରଠାରୁ ୧୪୦ କିମି ଦୂରତାରେ ଅବସ୍ଥିତ ଏହି ଜଳପ୍ରପାତ ଶାଳ ଜଙ୍ଗଲର ସବୁଜିମା ମଧ୍ୟରେ ଅବସ୍ଥିତ। ପାହାଡ଼ ଶିଖରରୁ ୫ଟି ସୋପାନ ଦେଇ ତଳକୁ ଖସିଥିବା ଏହି ଜଳପ୍ରପାତ ୫ଟି କୁଣ୍ଡ ବା ୫ଟି ରିଜରଭୟର ସୃଷ୍ଟିକରିଛି, ଯାହା ମଧ୍ୟରେ ଅମୃତାକୁଣ୍ଡ, ଘ୍ରିତାକୁଣ୍ଡ, ହଳଦୀକୁଣ୍ଡ, ଦେବୀକୁଣ୍ଡ ଓ ଦେବକୁଣ୍ଡ ଅନ୍ୟତମ। ପ୍ରତିବର୍ଷ ଦେବନଦୀର କୂଳରେ ରଜ ଓ ମକର ସଂକ୍ରାନ୍ତିକୁ ବେଶ୍ ଧୁମଧାମରେ ପାଳନ କରାଯାଇଥାଏ।

## ଭୀମକୁଣ୍ଡ

ବୈତରଣୀ ନଦୀରୁ ବାହାରିଥିବା ଦୁଇଟି ଆକର୍ଷଣୀୟ ଜଳପ୍ରପାତ ସାନକୁଣ୍ଡ ଓ ବଡକୁଣ୍ଡକୁ ନେଇ ସୃଷ୍ଟିହୋଇଛି ଭୀମକୁଣ୍ଡ ଜଳପ୍ରପାତ। ଏହାର ଭର୍ଟିକାଲ ସେପ୍ ଯୋଗୁ ଜଳରେ ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହୋଇଥାଏ। ପାଣିର ଧୂଆଁମୟ ଦୃଶ୍ୟ ଏବଂ ପ୍ରପାତର ଗର୍ଜନ ଏହାକୁ ଭୟଙ୍କର ରୂପ ଦେଉଥିବା ବେଳେ ପର୍ଯ୍ୟଟକଙ୍କୁ ସତର୍କ ରହିବାକୁ କୁହାଯାଇଥାଏ। ଧାର୍ମିକ ଦୃଷ୍ଟିକୋଣରୁ ଏହା ଏକ ପବିତ୍ର ସ୍ଥାନ ହୋଇଥିବା ବେଳେ ଏଠାକୁ ପାଣ୍ଡବମାନେ ଆସିଥିବା ଜନଶ୍ରୁତି ରହିଛି।

ଏହାବ୍ୟତୀତ କେନ୍ଦୁଝର ଜିଲାରେ ଥିବା ୩୦ ମିଟର ଉଚ୍ଚତା ବିଶିଷ୍ଟ ହାଣ୍ଡିଭଙ୍ଗା ଜଳପ୍ରପାତ, ଦେବଗଡ଼ର ପ୍ରଧାନପାଟ ଜଳପ୍ରପାତ, ଗନ୍ଧମାର୍ଦ୍ଦନ ପର୍ବତରେ ଅବସ୍ଥିତ ପ୍ରସିଦ୍ଧ ନୃସିଂହନାଥ ଜଳପ୍ରପାତ, ଗଜପତି ଜିଲାର ଗଣ୍ଡାହାତୀ ଜଳପ୍ରପାତ, ଝାରସୁଗୁଡ଼ା ଜିଲାର କୋଇଲିଘୁଗର ଜଳପ୍ରପାତ ମଧ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଆସୁଛି।

# ମାଟିର ବାସ୍ନାରେ ବିଭୋର ଡ. ବାଇଧର



ତାଙ୍କ ରଚନାରେ ରହିଛି ଜୀବନର ଛବି, ଆଶା ଓ ଯନ୍ତ୍ରଣାର ସ୍ୱର। କବିତା ହେଉ କି ପ୍ରବନ୍ଧ କିମ୍ବା ଫିଚର ସାହିତ୍ୟ ସବୁଥିରେ ତାଙ୍କ ପ୍ରତିଭାର ସ୍ୱାକ୍ଷର ଭରି ରହିଛି। ତାଙ୍କ ପ୍ରତିଟି ରଚନାର ଭାବଭୂମି ମହକି ଉଠେ ଐତିହ୍ୟ ଓ ପରମ୍ପରାର ବାସ୍ନାରେ । କେବଳ ଜଣେ ସାହିତ୍ୟିକ ନୁହନ୍ତି, ବିଶିଷ୍ଟ ଶିକ୍ଷାବିତ୍, ସଂଗଠକ ଓ ସଂକଳକ ଭାବେ ସେ ସୁପରିଚିତ। ତାଙ୍କ ବ୍ୟକ୍ତିଗତ ଜୀବନ ଓ ଆଦର୍ଶବାଦୀ ଚିନ୍ତାଧାରା ତାଙ୍କୁ ନିଆରା ମଣିଷର ପରିଚୟ ଦେଇଛି। ବାଇକ୍ ଚଲାଇ ଶିଖି ନ ଥିବାରୁ ଖଣ୍ଡେ ସାଇକେଲ ଧରି ବିଭିନ୍ନ ସ୍ଥାନ ଘୂରି ବୁଲନ୍ତି। ସାହିତ୍ୟ ଆସରଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ ଓ ନାଟ୍ୟାନୁଷ୍ଠାନର ସଭା ସମାବେଶରେ ଅତିଥି ଭାବେ ଯୋଗ ଦିଅନ୍ତି। ଯେକୌଣସି ସଭା ସମିତି ହେଲେ ସେ ଆଗ ଖୋଜା ପଡ଼ନ୍ତି।

ଏହି ପ୍ରତିଭାବାନ ନିଆରା ସାରସ୍ୱତ ପ୍ରତିଭା ହେଲେ ଡ. ବାଇଧର ସାହୁ। ଘର ଭଦ୍ରକ ପୌରାଞ୍ଚଳ ଅଧୀନ ଚନ୍ଦନବଜାର ଶଙ୍କରପୁର ଅଞ୍ଚଳରେ। ଅତ୍ୟନ୍ତ ଗରିବ ପରିବାରରେ ତାଙ୍କର ଜନ୍ମ। ସାହିତ୍ୟ ସାଧନା, ପୁସ୍ତକ ରଚନା ଓ ଶିକ୍ଷାଦାନ କ୍ଷେତ୍ରରେ ଦାରିଦ୍ର୍ୟ ତାଙ୍କ ଆଗରେ ହାର ମାନିଛି। ତାଙ୍କ ବାପା କୁନ ସାହୁ ଥିଲେ ଜଣେ ଦିନ ମଜୁରିଆ। ପିଲାଦିନୁ ବାଇଧରଙ୍କ ପାଠ ପଢ଼ିବା ଇଚ୍ଛା ତାଙ୍କୁ ବାଟ କଢ଼ାଇ ନେଇଥିଲା। ସଂଘର୍ଷମୟ ଜୀବନ ଥିଲା ତାଙ୍କ ସାଥୀ। ସେ କେବେ ଲକ୍ଷ୍ୟପଥରୁ ଓହରି ଯାଇ ନ ଥିଲେ। ଦୁଃଖ ଓ ସଂଘର୍ଷକୁ ଆଦରି ଉଭୟ ରାଜନୀତି ବିଜ୍ଞାନ ଏବଂ ଓଡ଼ିଆରେ ଏମ୍ ଏ ପାସ୍ କରି ପରେ ଗବେଷଣା କାର୍ଯ୍ୟ କରି ଡକ୍ଟରେଟ ଓ ଡି.ଲିଟ୍. ଉପାଧି ହାସଲ କରିଛନ୍ତି। ଅଧ୍ୟୟନ ଜିଜ୍ଞାସା ରଖି ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ଭଲ ପାଉଥିବା ବାଇଧର ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ହୋଇ ନିଜକୁ ଜଣେ ସାମାଜିକ କର୍ମୀ, ଅନୁଷ୍ଠାନପ୍ରେମୀ ବ୍ୟକ୍ତିତ୍ୱ ଭାବେ ପ୍ରତିଷ୍ଠିତ କରାଇପାରିଛନ୍ତି। ତାଙ୍କ ଚାକିରି ଜୀବନ ସାହିତ୍ୟ ସାଧନାରେ ବାଧା ସୃଷ୍ଟି କରିପାରି ନ ଥିଲା। ସେ ବ୍ରହ୍ମପୁର ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ଭଦ୍ରକ କଲେଜରେ ଲାଇବ୍ରେରିଆନ ଆସିଷ୍ଟାଣ୍ଟ ଓ ଶେଷରେ ସାଳନ୍ଦୀ କଲେଜରେ ଅଧକ୍ଷ ଭାବେ ଦାୟିତ୍ୱ ତୁଲାଇ ୧୯୯୬ରୁ ଅବସର ନେଇଛନ୍ତି। ଓଡ଼ିଆ, ଇଂଲିଶ, ହିନ୍ଦୀ, ଉର୍ଦ୍ଦୁ ଭାଷାରେ ଅନେକ ପୁସ୍ତକ ରଚନା କରି ସେ ଭଦ୍ରକ, ବାଲେଶ୍ୱର ଜିଲାରେ ଚର୍ଚ୍ଚାରେ ରହିଛନ୍ତି। ବର୍ତ୍ତମାନ ଫକୀରମୋହନ ବିଶ୍ୱବିଦ୍ୟାଳୟର ସିନେଟ୍ ସଦସ୍ୟ ଭାବେ ଦାୟିତ୍ୱ ତୁଲାଉଛନ୍ତି।

ବୟସ ୭୦ ଛୁଇଁଲାଣି। ହେଲେ ବୟସ ତୁଳନାରେ ହାର ମାନି ନାହାନ୍ତି ବାଇଧର। ତାଙ୍କ ଲେଖନୀ ଚଳଚଞ୍ଚଳ ରହିଛି। ସାହିତ୍ୟ ସଂଗଠନ ଭଳି ବିଭିନ୍ନ କାର୍ଯ୍ୟରେ ସମୟ ବିନିଯୋଗ କରିଥାନ୍ତି। ବହୁମୁଖୀ ପ୍ରତିଭାର ଅଧିକାରୀ ହୋଇଥିଲେ ବି ସବୁବେଳେ ସେ ନିଜକୁ ଜଣେ ସାଧାରଣ ମଣିଷ ଭାବନ୍ତି। ଏଥିପାଇଁ ସମସ୍ତଙ୍କ ଦୁଃଖସୁଖରେ ସାଥୀ ହୁଅନ୍ତି। ୨୫ ବର୍ଷ ତଳେ ତାଙ୍କ ସହଧର୍ମିଣୀ ଜାନକୀଲତା ସାହୁଙ୍କ ପରଲୋକ ଘଟିଥିଲା। ତାଙ୍କର କେହି ପିଲାଛୁଆ ନାହାନ୍ତି। ନିଃସଙ୍ଗତା ମଧ୍ୟରେ ଅତୀତର ସ୍ମୃତିକୁ ନେଇ ସମସ୍ତଙ୍କୁ ଭଲପାଇବା ବାଣ୍ଟି ସମାଜ ଓ ସାହିତ୍ୟ ସେବାକୁ ଜୀବନର ବ୍ରତ କରିଛନ୍ତି। ସାହିତ୍ୟ ହିଁ ତାଙ୍କ ଜୀବନର ଦୁଃଖସୁଖର ସାଥୀ ପାଲଟିଛି। ଜନ୍ମମାଟିର ଐତିହ୍ୟ ଓ ସଂସ୍କୃତିର ଜୀବନଧାରାକୁ ପିଲାଦିନୁ ଖୋଜି ଆସିଛନ୍ତି। ମାଟି ମା' ଓ ଏହାର ପାଣି, ପବନର ବାସ୍ନା ତାଙ୍କ ଜୀବନକୁ ପରିପୂର୍ଣ୍ଣ କରିଛି। ଏହି ଦୃଷ୍ଟିଭଙ୍ଗୀ ନେଇ ସେ 'ବୈଚିତ୍ର୍ୟମୟୀ ଭଦ୍ରକାଳୀ', ହିନ୍ଦୀ ଭାଷାରେ ଦେବୀ ଭଦ୍ରକାଳୀ, ପଞ୍ଚମୁଖୀ ହନୁମାନ, ମିଳନୀ ସଂସ୍କୃତି, ମଠ ସଂସ୍କୃତି, ଭଦ୍ରକର ସ୍ୱାଧୀନତା ସଂଗ୍ରାମୀ, ସପ୍ତତତ୍ତ୍ୱ ଓ ଦେବୀ ଦୁର୍ଗା ଭଳି ବହୁ ପୁସ୍ତକ ରଚନା କରିଛନ୍ତି। ଅଭାବବୋଧ ମଧ୍ୟରେ ହାରି ନ ଯାଇ ନିଜ ଉଦ୍ୟମରେ ସେ ଅନେକ ପୁସ୍ତକ ମଧ୍ୟ ପ୍ରକାଶନ କରିଛନ୍ତି। ଭଦ୍ରକର ବିଶିଷ୍ଟ ନାଟ୍ୟକାର ବଂଶୀବଲ୍ଲଭ ଗୋସ୍ୱାମୀଙ୍କ ରଚିତ 'ମୋଗଲ ତାମସା'କୁ ସେ ଓଡ଼ିଆ ଭାଷାରେ ପ୍ରକାଶ କରିବା ସହ ଉର୍ଦ୍ଦୁ ଭାଷାରେ ଅନୂଦିତ କରି ଚର୍ଚ୍ଚାକୁ ଆସିଛନ୍ତି। ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ପୁସ୍ତକ ପ୍ରକାଶ ପାଇ ଲୋକଙ୍କ ଦ୍ୱାରା ବହୁଳ ଆଦୃତ ହୋଇପାରିଛି। ପିଲାଙ୍କ ପାଠପଢ଼ାରେ ଗୁଣାତ୍ମକ ମାନ ଆଣିବା ଲାଗି ନିୟତ ଚେଷ୍ଟା କରିବା ସହ ସିମ୍ପଲ ଗ୍ରାମାର, ସିମ୍ପଲ ଟ୍ରାନ୍ସଲେସନ ଭଳି ପୁସ୍ତକ ରଚନା କରିଛନ୍ତି। ଜଣେ ଅନୁଷ୍ଠାନପ୍ରେମୀ ମଣିଷ ଭାବେ ପରିଚିତି ଲାଭ କରିଥିବା ବାଇଧର ଆଜାଦ ସ୍ପୋର୍ଟିଂ କ୍ଲବ, ଭଦ୍ରକ ପୁରୁଣାବଜାରସ୍ଥିତ ଦୁର୍ଲ୍ଲଭାନନ୍ଦ ପାଠାଗାର, ଉତ୍କଳ କେଶରୀ ସାହିତ୍ୟ ସଂସ୍କୃତି ସମାଜ ଓ ଭଦ୍ରକ କଲଚରାଲ ଆସୋସିଏଶନର ସମ୍ପାଦକ ଭାବେ କାର୍ଯ୍ୟ କରିବା ସହ ସାଳନ୍ଦୀ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ରହିଛନ୍ତି। ଭଦ୍ରକ ସାହିତ୍ୟ ସଂସ୍କୃତି ପରିଷଦର କାର୍ଯ୍ୟକାରୀ ସଭ୍ୟ ରହିବା ସାଙ୍ଗକୁ ଓଡ଼ିଶା ଗାନ୍ଧୀ ବାଳାଶ୍ରମ, ସଦାବ୍ରତ ମଠ, ଦରିଦ୍ର ବନ୍ଧୁ ପାଠାଗାର, ଓଲ୍ଡ ଭଦ୍ରକ ଆଥଲେଟିକ ଆସୋସିଏଶନ, ରୋଭର୍ସ କ୍ଲବ, ଭଦ୍ରକ ରେଡକ୍ରସ ସଂସ୍ଥା ତଥା ବହୁ ଶିକ୍ଷାନୁଷ୍ଠାନ ସହିତ ଜଡ଼ିତ ହୋଇ ବିଭିନ୍ନ ସାମାଜିକ କାର୍ଯ୍ୟ କରି ଆସୁଛନ୍ତି। ଏବେ ପ୍ରତିଦିନ ବିଭିନ୍ନ ପୁସ୍ତକ ପଢ଼ିବା ଓ ଲେଖାଲେଖିରେ ତାଙ୍କ ସମୟ ବିତୁଛି।

> ଯୁଗେ ଯୁଗେ ସାହିତ୍ୟ ମାଧ୍ୟମରେ ପରିବର୍ତ୍ତନ ଆସିଛି। ବର୍ତ୍ତମାନ ସମୟରେ ଯୁବପିଢ଼ି ସାହିତ୍ୟଠାରୁ ଦୂରେଇ ନ ଯାଇ ଏହାକୁ ପରିବର୍ତ୍ତନର ମାଧ୍ୟମ ଭାବେ ଗ୍ରହଣ କରିବା ଦରକାର।

ରିପୋର୍ଟ : ବିଭୁପ୍ରସାଦ ବେହେରା, ଭଦ୍ରକ

# କ୍ରିପ୍‌ସି ଚିକେନ୍ ଫିଙ୍ଗର୍ସ

## ଖାଦ୍ୟ ରୁଚି



ଭଦ୍ରକ ସହରର କଚେରି ବଜାରସ୍ଥିତ ହୋଟେଲ ସ୍ୱାଗତମ୍। ଏଠାରେ ପ୍ରସ୍ତୁତ କ୍ରିପ୍‌ସି ଚିକେନ ଫିଙ୍ଗର୍ସର ଚାହିଦା ବେଶି। ଏହାର ପ୍ଲେଟ୍ ଦର ୧୦ ପିସ୍‌କୁ ୨୪୦ ଟଙ୍କା ଏବଂ ହାଫ୍ ପ୍ଲେଟ୍ ୫ ପିସ୍‌କୁ ୧୨୦ ଟଙ୍କା ହୋଇଥିବାରୁ ସାଧାରଣ ଗ୍ରାହକ ମଧ ପସନ୍ଦ କରନ୍ତି। ଏହା ବୋନ୍‌ଲେସ ହୋଇଥିବାରୁ ବୟୋଜ୍ୟେଷ୍ଠ ଲୋକେ ମଧ ଖାଇବାକୁ ଭଲ ପାଆନ୍ତି। ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ପଦ୍ମପୁର ନିକଟସ୍ଥ ରୁକୁଣାଦେଇପୁର ଗାଁର ପ୍ରଦୀପ ଦାସ ଦୀର୍ଘ ୧୭ ବର୍ଷ ଧରି କାରିଗର ଭାବେ ଏହି ଆଇଟମ୍ ପ୍ରସ୍ତୁତ କରିଆସୁଛନ୍ତି। ଏହାର ପ୍ରସ୍ତୁତି ସମ୍ପର୍କରେ ସେ ଯାହା କୁହନ୍ତି...

### ଆବଶ୍ୟକ ସାମଗ୍ରୀ

ବୋନଲେସ୍ ଚିକେନ, ଅଣ୍ଡା, ମଇଦା, ଅଦା, ରସୁଣ, ଗୋଲମରିଚ ଗୁଣ୍ଡ, ହଳଦୀଗୁଣ୍ଡ, ଲଙ୍କା ପାଉଡର, ବ୍ରେଡଗୁଣ୍ଡ, କର୍ନଫ୍ଲୋର, ରିଫାଇନ ତେଲ ଓ ଲୁଣ ଆବଶ୍ୟକ ଅନୁସାରେ।

### ପ୍ରସ୍ତୁତ ପ୍ରଣାଳୀ

ଚିକେନକୁ ବୋନଲେସ୍ କରିବା ପରେ ତାକୁ ଲମ୍ବା କରି ଆଙ୍ଗୁଠି ସାଇଜରେ କାଟନ୍ତୁ। ସାମାନ୍ୟ କର୍ନଫ୍ଲୋର, ରସୁଣ ଓ ଅଦା ବଟାକୁ ଲଙ୍କାଗୁଣ୍ଡ ସହ ଗୋଳେଇ ପେଷ୍ଟ କରନ୍ତୁ ଏବଂ ଏହାକୁ ଚିକେନରେ ମିଶାଇ ଏକ ଘଣ୍ଟା ରଖିଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ଅଣ୍ଡା, ଗୋଲମରିଚ ଗୁଣ୍ଡ, ଲୁଣ ଗୋଳାଇ ରଖନ୍ତୁ। ଆଉ ଏକ ପାତ୍ରରେ ମଇଦାରେ ଗୋଲମରିଚ ଗୁଣ୍ଡ, ଲୁଣ ଗୋଳେଇ ରଖନ୍ତୁ। ଚିକେନଗୁଡ଼ିକୁ ପ୍ରଥମେ ଅଣ୍ଡାମିଶା ଘୋଳରେ ବୁଡାଇବା ପରେ ମଇଦା ଓ ଗୋଲମରିଚ ଘୋଳରେ ମିଶାନ୍ତୁ। ତା'ପରେ ଏହି ଚିକେନ ପିସ୍‌ଗୁଡ଼ିକୁ କାଢ଼ି ବ୍ରେଡ୍‌ଗୁଣ୍ଡରେ ଗୋଳାନ୍ତୁ। ଏହାପରେ ତେଲରେ ଛାଣନ୍ତୁ। ଚିକେନ ପିସ୍‌ଗୁଡ଼ିକ ବ୍ରାଉନ କଲର ହୋଇଗଲେ ପ୍ଲେଟକୁ କାଢ଼ି ଆଣନ୍ତୁ। ପ୍ଲେଟରେ କଟା ପିଆଜ, ଲେମ୍ବୁ ଫାଳେ ସାଙ୍ଗକୁ ଗ୍ରାହକଙ୍କ ସ୍ୱାଦ ମୁତାବକ ଚିଲି ସସ୍ କିମ୍ବା ଟମାଟୋ ସସ୍‌ରେ ପରଷିପାରିବେ।

# ସେ ଲ୍ ଫି କ ର୍ଣ୍ଣ ର



**ସେଲ୍ଫି ଉଠାନ୍ତୁ, ଆମ ପାଖକୁ ପଠାନ୍ତୁ**

balasoreselfie@gmail.com
(ବଛା ବଛା ସେଲ୍ଫି ପ୍ରକାଶ ପାଇବ)



@ ମାନସ



@ ସଞ୍ଜୟ



@ ବନ୍ଦିତା



@ ପ୍ରସନ୍ନ



@ ସନ୍ତୋଷ



@ ହେମନ୍ତ



@ ଶିବା



@ ମଧୁସ୍ମିତା



@ ପ୍ରକାଶ



@ ଦେବ



@ ସଲିମ



@ ବ୍ରଜ

## ଆକର୍ଷିତ କରୁଛି

# ଡୁଲୁରି ପାଇନ୍ ବଣ






କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ଅନେକ ପର୍ଯ୍ୟଟନ କେନ୍ଦ୍ର ରହିଛି। ପର୍ଯ୍ୟଟକ ବୁଲିବା ସହ ବଣ ଭୋଜି ପାଇଁ ଦାରିଙ୍ଗବାଡ଼ିକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଏଠାରେ ବଣ, ପାହାଡ଼ ଏବଂ ପାହାଡ଼ କଡ଼ରେ ଯାଉଥିବା ଝରଣା ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିଥାଏ। ଏଭଳି ଏକ ପର୍ଯ୍ୟଟନ କେନ୍ଦ୍ର ରହିଛି ଯେଉଁଠି ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ପରିବାର, ବନ୍ଧୁବର୍ଗ ସାଙ୍ଗସାଥି ମିଶି ଏକାଠି ବଣ ଭୋଜି କରି ମଜା ନିଅନ୍ତି ପର୍ଯ୍ୟଟକ। ଦାରିଙ୍ଗବାଡ଼ିରୁ ମାତ୍ର ୨ କି.ମି.ଦୂରରେ ରହିଛି ଡୁଲୁରି ପାଇନ ବଣ। ଯାହାର ଆକର୍ଷଣ ମନକୁ ବିମୋହିତ କରେ। ଛାଡି ଯିବାକୁ ମନ ହୋଇ ନ ଥାଏ।

ଦାରିଙ୍ଗବାଡ଼ିକୁ ଓଡ଼ିଶାର କଶ୍ମୀର କୁହାଯାଉଛି। ଅନେକ ଏହାକୁ ଦାର୍ଜିଲିଂ ବୋଲି ମଧ କହିଥାନ୍ତି। ସେପ୍ଟେମ୍ବର ମାସରୁ ଉକ୍ତ ଅଞ୍ଚଳକୁ ପର୍ଯ୍ୟଟକଙ୍କ ଆସିବା ଆରମ୍ଭ ହୋଇଥାଏ। ଛୁଟି କାଟିବାକୁ ମଧ ପର୍ଯ୍ୟଟକ ଦାରିଙ୍ଗବାଡିକୁ ପ୍ରଥମ ସ୍ଥାନଭାବେ ବାଛିଥାନ୍ତି। ସପ୍ତାହର ଅନ୍ୟଦିନ ଅପେକ୍ଷା ରବିବାର ଦାରିଙ୍ଗବାଡ଼ିରେ ସେପଟେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ତେବେ ପର୍ଯ୍ୟଟକ ଦାରିଙ୍ଗବାଡ଼ି ଆସିଲେ ସମସ୍ତ ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକ ବୁଲିବା ସହ ଡୁଲୁରି ପାଇନ ବଣରେ ଭୋଜି କରି ଖାଇବା ସହ ମଜା ନିଅନ୍ତି। ବଡ଼ ବଡ଼ ପାଇନ ଗଛ ତଳେ ଯାନ ବାହନ ପାର୍କିଂର ବ୍ୟବସ୍ଥା ରହିଛି। ସେଠାରେ ହିଁ ବଣ ଭୋଜି କରିବା ସହ ନାଚ ଓ ଗୀତ ଆଦି କରି ବହୁତ ମଜା ଉଠାଉଥିବା ଜଣାପଡ଼ିଛି। ପାଇନ ବଣଟି ପ୍ରାୟ ୨ କି.ମି. ପର୍ଯ୍ୟନ୍ତ ଲମ୍ବିଛି। ବନ ବିଭାଗ ଦ୍ୱାରା ପରିଚାଳିତ ଏହି ପାଇନ ବଣ ଅତି ପୁରୁଣା ହୋଇଥିବା ବେଳେ ପାଇନ ଗଛର ସୌନ୍ଦର୍ଯ୍ୟ ଓ ଶାନ୍ତ ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଦିନ ତମାମ୍ ସେଠାରେ ଥଣ୍ଡା ଲାଗିବା ସହ ବଣ ଭୋଜିର ବ୍ୟବସ୍ଥା ରହିଛି। ଉକ୍ତ ବଣ ମଧରେ ଏକାଥରେ ୫ ହଜାର ପର୍ଯ୍ୟନ୍ତ ପର୍ଯ୍ୟଟକ ଭିଡ଼ ଜମାଇଥିବା ନଜିର ରହିଛି। ପାଇନ ବଣକୁ ଲାଗି ଏକ ଝରଣା ପ୍ରବାହିତ ହେଉଛି। ଶାନ୍ତ ପରିବେଶ ସହ ଝରଣା ପାଣିର କୁଳୁକୁଳୁ ଶବ୍ଦ ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିଥାଏ। ସେହିପରି ଯେଉଁ ନାଳ ପ୍ରବାହିତ ହେଉଛି ସେଠାରେ ଏକ ପଥର ଖସଡ଼ା ରହିଛି। ତାହା ମଧ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଦାରିଙ୍ଗବାଡ଼ିରୁ ପୂର୍ତ୍ତବିଭାଗ ରାସ୍ତାର ବ୍ରାହ୍ମଣୀଗାଁ ଦେଇ ଗଜପତି ଯିବା ରାସ୍ତାର ୨ କି.ମି. ଯିବା ପରେ ରାସ୍ତାର ଉଭୟ ପାର୍ଶ୍ୱରେ ଏହି ପାଇନ ବଣ ପଡ଼ିଥାଏ।



ପ୍ରସ୍ତୁତି: ଅରୁଣ କୁମାର ସାହୁ, ଦାରିଙ୍ଗବାଡ଼ି



# ରିକ୍ସା ଚାଳକଙ୍କ କାହାଣୀ ସବୁବେଳେ କନ୍ଦାଏ

## ମୋ ଅନୁଭୂତି



ଅଶୋକ କୁମାର ଦାଶ

୧୯୯୮-୯୯ ମସିହା କଥା। ସେତେବେଳେ ଯାଜପୁର ଜିଲାରେ ସହକାରୀ ଜିଲାପାଳ ଭାବେ ଦାୟିତ୍ୱରେ ଥାଏ। କାର୍ଯ୍ୟବ୍ୟସ୍ତତା ଭିତରେ ଘର କାମ ବୁଝିବା ବି ସହଜସାପେକ୍ଷ ନ ଥିଲା। ପୁଅକୁ ସେତେବେଳେ ୫ବର୍ଷ ବୟସ। ତାକୁ ସ୍କୁଲ ନବାଆଣିବା କରିବା ମୋ ସ୍ତ୍ରୀଙ୍କ ଦାୟିତ୍ୱ। ସେଠାରେ ଏକ ରିକ୍ସା ଠିକ୍ କରି ପୁଅକୁ ନେବାଆଣିବା କାମ ସେ କରୁଥାନ୍ତି। ଦିନେ ମୋତେ କହିଲେ ପୁଅକୁ ସ୍କୁଲ ନେବାକୁ। ଅଫିସ୍ କାର୍ଯ୍ୟରୁ କିଛି ସମୟ କାଢ଼ି ଭାବିଲି ପୁଅକୁ ନେଇ ସ୍କୁଲ ଯିବି। ଉଭୟ ବାପା, ପୁଅ ପ୍ରସ୍ତୁତ ହୋଇ ଗେଟ୍ ପାଖକୁ ଆସିଲା ବେଳକୁ ଦେଖିଲି ଜଣେ ବୁଢ଼ା ରିକ୍ସାଚାଳକ। ବୟସ ଆନୁମାନିକ ୬୫ ବର୍ଷ ହେବ। ଯେଉଁ ବୟସରେ ଜଣେ ଭାରି ଜିନିଷ ଉଠାଇ ପାରିବନି, ସେହି ବୟସରେ ଆମ ଦୁଇଜଣଙ୍କୁ ରିକ୍ସାରେ ବୁହାଇ ସ୍କୁଲକୁ ସେ ନେବେ। ରିକ୍ସାରେ ବସିଗଲି ସତ, ହେଲେ ସେ ବୃଦ୍ଧଙ୍କ ପଛପାର୍ଶ୍ୱରେ ବସି ତାଙ୍କ ସବୁ କଷ୍ଟକୁ ସ୍ପଷ୍ଟ ଭାବେ ଅନୁଭବ କରି ପାରୁଥିଲି। ବିବେକ ବାଧା ଦେଲା। ଫେରିବା ବେଳେ ତାଙ୍କ ବ୍ୟକ୍ତିଗତ କଥା କିଛି ପଚାରିଲି। ତାଙ୍କ ସ୍ତ୍ରୀଙ୍କ ବହୁ ପୂର୍ବରୁ ମୃତ୍ୟୁ ଘଟି ସାରିଥିଲା। କିଛିବର୍ଷ ପୂର୍ବେ ପୁଅଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ଘରେ କେବଳ ବୋହୂ। ଏଣୁ ପେଟ ପୋଷିବାକୁ ହେଲେ କିଛି ନା କିଛି କରିବାକୁ ହେବ। ବାଧ୍ୟହୋଇ ପରିଣତ ବୟସରେ ଲୋକଙ୍କ ବୋଝ ବୁହାଉଛି ବୋଲି ସେ କହିଥିଲେ। ସରକାରୀ ଯୋଜନାରୁ ଭତ୍ତା କି ଅନ୍ୟ କିଛି ସୁବିଧା ସୁଯୋଗ ବିଷୟରେ ପଚାରିବାବେଳେ ସେ ମୋ ମୁହଁକୁ ବଲବଲ କି ଚାହିଁ ରହିଲେ। ନିଜେ ଖୋଦ୍ ସହକାରୀ ଜିଲାପାଳ ଥାଇ ବି ସେହି ରିକ୍ସାଚାଳକଙ୍କୁ ସରକାରୀ ଯୋଜନାରେ ସାମିଲ କରିବା ପାଇଁ ୬ମାସ ସମୟ ଲାଗିଗଲା। ୨୦୦୧ରେ କଟକକୁ ବଦଳି ହେଲା। ମୋ ବଦଳି ଖବର ପାଇ ସେହି ବୁଢ଼ା ରିକ୍ସା ଚାଳକଙ୍କ ସମେତ ଅନେକ ଗରିବ ଶ୍ରେଣୀର ଲୋକ ମୋ ଘର ଆଗରେ ରୁଣ୍ଡ। ସେ ଦିନ ବହୁତ କାନ୍ଦିଥିଲି। ଏ ସମାଜରେ ସାଧାରଣ ମଣିଷଟିଏ ଚଳିବାକୁ କେତେ ଯୁଦ୍ଧ କରେ, ନିଜ ହକ୍ ଟିକକ ପାଇବା ପାଇଁ କେତେ ହନ୍ତସନ୍ତ ନ ହୁଏ! ଏବେ ବି ସେ କଥା ମନେପଡ଼ିଲେ ଆଖି ଓଦା ହୋଇଯାଏ। ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳସଚିବ ଅଶୋକ କୁମାର ଦାଶଙ୍କ ଅନେକ ଅଭୁଲା ଅନୁଭୂତି ଭିତରୁ ଏହା ଏକ ବିଶେଷ ପୃଷ୍ଠା। ଉକ୍ତ ରିକ୍ସାଚାଳକଙ୍କ କାହାଣୀ କହିବା ବେଳେ ବି କୁଳସଚିବ ଅଶୋକ ନିଜ ଲୁହକୁ ରୋକିପାରି ନ ଥିଲେ। ମଣିଷ ସମ୍ବେଦନଶୀଳ ହେଲେ କେତେ ଯେ ସ୍ନେହ ତାକୁ ମିଳେ, ଏହା କାହିଁକି କିଏ ବୁଝନ୍ତିନି ବୋଲି ଅଶୋକ ପ୍ରଶ୍ନ କରିଥିଲେ। ପୋକ, ମାଛି ଭଳି ମଣିଷର ଜୀବନ ନୁହେଁ, ନିଜେ ବଞ୍ଚିବା ସହ ଅନ୍ୟକୁ ବଞ୍ଚାଇବାର କଥା ଏ ମଣିଷ ସମାଜ ଶିଖିବା ଉଚିତ ବୋଲି ସେ କହିଛନ୍ତି।

ଅଶୋକଙ୍କ ଘର କଟକ ଉତ୍ତରପୁର ଅଞ୍ଚଳରେ। ୩ ଭାଇ ଗୋଟିଏ ଭଉଣୀ ଭିତରୁ ଅଶୋକ ମଝିଆ ଭାଇ। ଆଇଏସ୍‌ସି, ବିଏସ୍‌ସି ରେଭେନ୍ସା କଲେଜରେ ଉତ୍ତୀର୍ଣ୍ଣ ହେବା ପରେ ମାଡ୍ରାସ ଆଇଆଇଟିରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ୧୯୮୮ରେ ସେ ଓଡ଼ିଶା ପ୍ରଶାସନିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇରେ ଅତିରିକ୍ତ ତହସିଲଦାର ଭାବେ ସେ ପ୍ରଥମେ କାର୍ଯ୍ୟ କରିଥିଲେ। ମାଧ୍ୟମିକ ଶିକ୍ଷା ପରିଷଦର ସମ୍ପାଦକ, ଖୋର୍ଦ୍ଧା ଉପଜିଲାପାଳ, ରାଜ୍ୟ ନିର୍ବାଚନ ଆୟୋଗର ସ୍ୱତନ୍ତ୍ର ସଚିବ ଭାବେ ମଧ୍ୟ ସେ କାର୍ଯ୍ୟ କରିଛନ୍ତି। ନିଜ କାର୍ଯ୍ୟକାଳ ଭିତରେ ମଣିଷ ପଣିଆକୁ ବଞ୍ଚାଇ ରଖିବାକୁ ଅନେକ ଚେଷ୍ଟା କରିଛି ବୋଲି ଅଶୋକ କହିଥିଲେ।

– ରିପୋର୍ଟ: କୁମାରଶ୍ରୀ ସାହୁ

# ମାର୍କେଟରେ ନୂଆ



## ପରବର୍ତ୍ତୀ ପିଢ଼ିର ଜାୱା ମୋଟର ସାଇକେଲ

କ୍ଲାସିକ ଲିଜେଣ୍ଡ୍‌ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଜାୱା ମୋଟର ସାଇକେଲର ପରବର୍ତ୍ତୀ ପିଢ଼ିକୁ ଭାରତରେ ପ୍ରବେଶ କରାଯାଇଛି। ଜାୱା ଓ ଜାୱା ଫର୍ଟି ଟୁ ଭଳି ଭାରିଆଣ୍ଟରେ ଏହା ଉପଲବ୍ଧ। ଏହି ମଡେଲଗୁଡିକରେ ଗ୍ରାହକ ସନ୍ତୁଳନ ପ୍ରଦର୍ଶନ, ଦକ୍ଷତା ଉନ୍ନତ ଗୁଣବତ୍ତା ଲାଭ କରିପାରିବେ। ଏଥିରେ ୨୯୩ ସିସି ଇଞ୍ଜିନ, ଲିକ୍ୱିଡ୍ କୁଲ୍‌ଡ ସିଙ୍ଗଲ ସିଲିଣ୍ଡର, ଡିଓଏଚ୍‌ସି ଇଞ୍ଜିନ, ଡବଲ କ୍ରାଡେଲ ଚେଚିସ୍, କ୍ଲାସିକ୍ ଗାଡି ଚାଳନାର ଆନନ୍ଦ ଲାଭ କରିପାରିବେ। ଜାୱା ଓ ଜାୱା ଫର୍ଟି ଟୁ ମଡେଲର ବଜାର ଦର ଯଥାକ୍ରମେ- ୧.୬୪ ଲକ୍ଷ ଏବଂ ୧.୫୫ ଲକ୍ଷ ଟଙ୍କା ରହିଛି।



## ଜାଗୁଆର୍ ଏଫ୍– ପେସ୍ ଇଞ୍ଜିନିୟମ

ଜାଗୁଆର୍ ଲ୍ୟାଣ୍ଡ ରୋଭର ନୂଆ ଏଫ୍-ପେସ୍ ଇଞ୍ଜିନିୟମ୍ ବଜାରକୁ ଆଣିଛି। ଏହି ଭାରିଆଣ୍ଟର ବଜାର ଦର ୬୩.୧୭ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଏହାର ଡିଜେଲ ଭାରିଆଣ୍ଟ ୬୩.୫୭ ଲକ୍ଷ ଟଙ୍କା ରହିଛି। ଏଥିରେ ୨.୦ ଲିଟରର ଇଞ୍ଜିନିୟମ ପେଟ୍ରୋଲ ଇଞ୍ଜିନ, ୧୮୪ କେଡବ୍ଲ୍ୟୁ, ୩୬୯ ଏନ୍‌ଏମ୍ ଟର୍କ, ପାର୍କ ଆସିଷ୍ଟ ସୁବିଧା ରହିଛି। ସେହିଭଳି ଲେନ୍ କିପ୍ ଆସିଷ୍ଟ, ୩୬୦ ଡିଗ୍ରୀ ପାର୍କ ସେନସର, ଡ୍ରାଇଭ କଣ୍ଡିଶନ ମନିଟର, କ୍ୟାବିନ ଏୟାର ଆୟନାଇଜେଶନ, ୨୫.୯୧ ଟଚ୍ ସ୍କ୍ରିନ, ୱାଇଫାଇ ସୁବିଧା ଏବଂ ପ୍ରୋ ସର୍ଭିସ ଆଦି ଏଥିରେ ସଂଯୋଗ କରାଯାଇଛି।



## ହିରୋ ଡେଷ୍ଟିନି ୧୨୫ସିସି

ହିରୋ ମୋଟୋକର୍ପ ପକ୍ଷରୁ ବଜାରକୁ ଆସିଛି ନୂଆ ୧୨୫ ସିସି ସ୍କୁଟର ଡେଷ୍ଟିନି। ପ୍ରିମିୟମ ଗ୍ରାହକଙ୍କୁ ନଜରରେ ରଖି କମ୍ପାନୀ ଏହାକୁ ପ୍ରସ୍ତୁତ କରିଛି। ଏହା ଦୁଇ ଭାରିଆଣ୍ଟରେ ଉପଲବ୍ଧ। ଏଲ୍‌ଏକ୍ସ ଭାରିଆଣ୍ଟର ମୂଲ୍ୟ ୫୬,୯୫୦ ଟଙ୍କା ରହିଥିବା ବେଳେ ଭିଏକ୍ସର ମୂଲ୍ୟ ୬୦,୦୦୦ ଟଙ୍କା ରହିଛି। ଷ୍ଟାଇଲ, ପାୱାର, ଟେକ୍ନୋଲୋଜି ସହ ଆଇ୩ଏସ୍ ଟେକ୍ନୋଲୋଜି ଏଥିରେ ରହିଛି। ଏହା ନୋବଲ ରେଡ, ଚେଷ୍ଟନଟ୍ ବ୍ରୋଞ୍ଜ, ପାନ୍ଥର ବ୍ଲାକ, ପର୍ଲ ସିଲଭର ଭଳି ରଙ୍ଗରେ ଉପଲବ୍ଧ। ଏହା ଦ୍ୱାରା ବଜାର ଦୃଢ଼ୀକରଣ କରିବାକୁ ସକ୍ଷମ ହେବୁ ବୋଲି କମ୍ପାନୀର ସେଲ୍‌ସ କଷ୍ଟମର କେୟାର ଏବଂ ପାର୍ଟସ ବିଜ୍‌ନେସ ମୁଖ୍ୟ ସଞ୍ଜୟ ଭାନ ସୂଚନା ଦେଇଛନ୍ତି।

## ଧରିତ୍ରୀ ଆଳାପ

**ଲିସା ରାଏ। ଏକାଧାରରେ ଜଣେ ଅଭିନେତ୍ରୀ, ସୁପର ମଡେଲ, ସୁଲେଖିକା, ସାମାଜିକ କର୍ମୀ। ୧୯୭୨ରେ ଜନ୍ମଗ୍ରହଣ କରିଥିବା ଏହି ଅଭିନେତ୍ରୀ ବଲିଉଡ୍ ଓ ହଲିଉଡ୍ ଫିଲ୍ମରେ ନିଜର ଅଭିନୟ ଯାଦୁ ଦେଖାଇ ଦର୍ଶକଙ୍କ ଭଲପାଇବା ସାଉଁଟିଛନ୍ତି। ୧୯୯୪ରେ ତାମିଲ ଫିଲ୍ମ 'ନେତାଜୀ' ଜରିଆରେ ବଡ଼ ପରଦାରେ ପାଦ ଥାପିଥିଲେ। ୨୦୦୧ରେ ହିନ୍ଦୀ ଚଳଚ୍ଚିତ୍ର 'କସୁର'ରେ ଅଭିନୟ କରିଥିଲେ। ନିଜେ କର୍କଟ ରୋଗରେ ପୀଡ଼ିତ ଥିଲେ ମଧ୍ୟ ଅନ୍ୟ କର୍କଟ ରୋଗୀଙ୍କ ପାଇଁ ସେ ଉଦାହରଣ ପାଲଟିଛନ୍ତି। କର୍କଟ ଭଳି ମାରାତ୍ମକ ରୋଗକୁ ସାମ୍ନା କରି ବି ସେ ନିଜକୁ ସବୁବେଳେ ଖୁସିରେ ରଖିବାକୁ ଚାହୁଁଛନ୍ତି। ନିକଟରେ ସ୍ୱିସ୍ ୱାଚ୍ ବ୍ରାଣ୍ଡ 'ରାଡୋ'ର ନୂତନ କଲେକ୍ସନ ଭୁବନେଶ୍ୱରରେ ଉଦ୍‌ଘାଟିତ ହୋଇଯାଇଛି। ଏହାର ବ୍ରାଣ୍ଡ ଆମ୍ବାସାଡର ଥିବା ଲିସା ଭୁବନେଶ୍ୱର ଆସିଥିବା ସମୟରେ ତାଙ୍କ ସହିତ ହୋଇଥିବା ଧରିତ୍ରୀ ଆଳାପ।**

# ଭାରତୀୟ ମହିଳାମାନେ ମୋ ପାଇଁ ହିରୋ

**❍ ଅଭିନୟ ଜଗତକୁ କିପରି ଆସିଥିଲେ?**

ଜୀବନରେ ମୁଁ ଅନେକ ଖାଲ ଢିପ ଦେଇ ଗତି କରିଛି। ତାହା ଲମ୍ବା କାହାଣୀ। ବର୍ତ୍ତମାନ ତାକୁ ବର୍ଣ୍ଣନା କରିବା ଅସମ୍ଭବ। ତେବେ ଆସନ୍ତାବର୍ଷ ମୋର 'କ୍ଲୋଜ୍ ଟୁ ବୋନ୍' ନାମକ ଏକ ସ୍ମୃତିକଥା ପୁସ୍ତକ ପ୍ରକାଶିତ ହେବ। ତାହା ମୁଁ ନିଜେ ଲେଖିଛି। ସେଥିରେ ମୋର ଜୀବନର ସମ୍ପୂର୍ଣ୍ଣ କାହାଣୀ ଜାଣିବାକୁ ପାଇବେ।

**❍ କ୍ୟାନ୍ସର ଭଳି ମାରାତ୍ମକ ରୋଗର ସାମ୍ନା କରିଛନ୍ତି। କ'ଣ କହିବେ ଏ ସମ୍ପର୍କରେ?**

ପ୍ରଥମତଃ ମୁଁ କ୍ୟାନ୍ସର ଭଳି ମାରାତ୍ମକ ରୋଗ ସମ୍ପର୍କରେ ଖୋଲାଖୋଲି କହିଥିଲି। ମୋ ମତରେ ଆମର କୌଣସି ସମସ୍ୟାକୁ ଆମେ ଅନ୍ଧାରରେ ରଖିବା ଉଚିତ ନୁହେଁ। ସମସ୍ୟାକୁ ଜଣାଇଲେ ସମାଧାନର ବାଟ ମିଳିଥାଏ, ଯାହା ମୋ କ୍ଷେତ୍ରରେ ହୋଇଛି। କ୍ୟାନ୍ସରର ମୁକାବିଲା ପାଇଁ ସାହସ ମିଳିଛି। ମୋର ଆରୋଗ୍ୟ ହେବା ପଛରେ ଭାରତରେ ଥିବା ହଜାର ହଜାର ପ୍ରଶଂସକ ଓ ଶୁଭେଚ୍ଛୁଙ୍କ ଆଶୀର୍ବାଦ ରହିଛି। ଯଦିଓ ମୁଁ ଏବେ ବି ଚିକିତ୍ସାରେ ରହିଛି, କିନ୍ତୁ ମୁଁ ଭାବେ କ୍ୟାନ୍ସର ଅର୍ଥ ମୃତ୍ୟୁ ନୁହେଁ।

**❍ ସୋସିଆଲ ଷ୍ଟିଗ୍‌ମା ଯୋଗୁ ଲୋକେ କ୍ୟାନ୍ସର ସମ୍ପର୍କରେ କହିବାକୁ ପଛାନ୍ତି। ଏହା ଠିକ୍ କି?**

ନା। ଆଦୌ ଠିକ୍ ନୁହେଁ। ହଁ, ଏଇଟା ସତ ଯେ, ସେହି ସୋସିଆଲ ଷ୍ଟିଗ୍‌ମା ଯୋଗୁ ଅନେକ ପୀଡ଼ିତା ରୋଗ ସମ୍ପର୍କରେ ଖୋଲାଖୋଲି କହିପାରନ୍ତି ନାହିଁ। କିନ୍ତୁ ନିଜ ଭିତରେ ସେହି କଷ୍ଟକୁ ରଖିଲେ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ପ୍ରାରମ୍ଭରେ କାହାକୁ କହିବା ଜଣକ ପକ୍ଷରେ କଷ୍ଟକର। କ୍ୟାନ୍ସରରେ ପୀଡ଼ିତ ଜଣେ ବ୍ୟକ୍ତି ହିଁ ସେ କଷ୍ଟକୁ ବୁଝିପାରିବ। କାରଣ ମୁଁ ବି ଯେତେବେଳେ ମୋ ରୋଗ ସମ୍ପର୍କରେ ଜାଣିଥିଲି, ସେତେବେଳେ ମୋ ପରିବାର ଲୋକେ ମଧ୍ୟ ମୋର କଷ୍ଟକୁ ବୁଝିପାରି ନ ଥିଲେ।

**❍ ସରୋଗେସି ଦ୍ୱାରା ମା' ହୋଇଥିଲେ। କ'ଣ ଫିଲ୍ ଥିଲା?**

ଆମେଜିଂ। ସେ ସମୟର ଖୁସିକୁ ବର୍ଣ୍ଣନା କରିପାରିବି ନାହିଁ।

**❍ ଜଣେ ମା' ଭାବେ ଘରେ କିପରି ନିଜକୁ ମେଣ୍ଟେନ କରୁଛନ୍ତି?**

ମା' ହେବା ପରେ ସମସ୍ତଙ୍କର କାମ ବଢ଼ିଯାଇଥାଏ। ମୋର ମଧ୍ୟ ତାହା ହୋଇଛି। କାମ ଯୋଗୁ ହଂକଂରେ ମୋ ସ୍ୱାମୀ ଏବେ ମୋର ଦୁଇ ଛୁଆଙ୍କୁ ରଖିଛନ୍ତି। ଯଦିଓ ଟେକ୍ନୋଲୋଜି ଦ୍ୱାରା ମୁଁ ତାଙ୍କୁ ଦେଖିପାରୁଛି, ତଥାପି ପାଗଳଙ୍କ ପରି ସେମାନଙ୍କୁ ମିସ୍ କରୁଛି।

**❍ ଆପଣଙ୍କ କ'ଣ ସ୍ୱପ୍ନ ରହିଛି?**

ସ୍ୱପ୍ନ ରହିଛି ଯେ, ମୁଁ ମୋର ଲେଖାକୁ ନେଇ ଗୋଟେ ଦୃଷ୍ଟି ଆକର୍ଷଣକାରୀ ପୁରସ୍କାର ପାଏ। ଲେଖିବା ଜାରି ରଖିଛି। ମୋତେ ବହୁତ ଖୁସି ଲାଗୁଛି ଯେ, ମୁଁ ବର୍ତ୍ତମାନ ଲେଖା ଉପରେ ଧ୍ୟାନ ଦେଉଛି। କାରଣ ଲେଖା ମୋର ବଡ଼ ପ୍ୟାଶନ। ବର୍ତ୍ତମାନ ୩ଟି ବହି ଲେଖିବା ପାଇଁ ମୋ ପାଖରେ ଆଇଡିଆ ରହିଛି। କିନ୍ତୁ ତା'ପରେ କ୍ୟାନ୍ସର ଉପରେ ଏକ ପୁସ୍ତକ ଲେଖିବି।



ଲିସା ରାଏ

**❍ ଲିସା ରାଏ ନିଜକୁ କେଉଁ ପରିଚୟରେ ରହିବାକୁ ପସନ୍ଦ କରନ୍ତି ?**

କୌଣସି ସ୍ତରକୁ ମୁଁ ବିଶ୍ୱାସ କରେ ନାହିଁ। ମୁଁ ଜଣେ ଭଲ ମଣିଷର ପରିଚୟ ନେଇ ରହିବାକୁ ପସନ୍ଦ କରେ।

**❍ କେଉଁ ଦିନଟି କଷ୍ଟଦାୟକ ଥିଲା?**

ସମସ୍ତଙ୍କ ଜୀବନରେ ଭଲ ଖରାପ ଦିନ ଆସିଥାଏ। ମୋ ଜୀବନରେ ମଧ୍ୟ ତାହା ହୋଇଛି। ଯେଉଁଦିନ ମୋ ମା'ଙ୍କ ଦେହାନ୍ତ ହୋଇଥିଲା, ତାହା ମୋ ପାଇଁ ସବୁଠାରୁ କଷ୍ଟଦାୟକ ଦିନ ଥିଲା। କାରଣ ମା'ର ସ୍ଥାନ କେହି ନେଇପାରିବେନି।

**❍ ଆପଣଙ୍କ ଜୀବନରେ 'ହିରୋ' କିଏ?**

କୌଣସି ପୁରୁଷ ମୋ ପାଇଁ ହିରୋ ନୁହନ୍ତି। ଭାରତୀୟ ମହିଳାମାନେ ହେଉଛନ୍ତି ମୋ ପାଇଁ ହିରୋ। କାରଣ ଭାରତୀୟ ମହିଳା ଏକାଥରକେ ଅନେକ ପ୍ରକାର କାମ କରିବାରେ ସକ୍ଷମ। ନିଜ କାର୍ଯ୍ୟକ୍ଷେତ୍ରକୁ ଯିବା ସହିତ ପରିବାର ମଧ୍ୟରେ ସନ୍ତୁଳନ ରଖିଥାନ୍ତି। ତେଣୁ ସେମାନଙ୍କୁ ମୁଁ ହିରୋ ବୋଲି ଭାବିଥାଏ।

**❍ 'ରାଡୋ' ସହ ଆପଣଙ୍କ ସମ୍ପର୍କ ବିଷୟରେ କିଛି କହିବେ?**

୧୨ବର୍ଷ ତଳେ ଏହି ବ୍ରାଣ୍ଡର ଭାଲ୍ୟୁ ବହୁତ ଭଲ ଥିଲା। ରାଡୋ ସବୁବେଳେ ଇନୋଭେଟିଭ୍, ମ୍ୟାଟେରିଆଲ ୟୁନିକ୍, ଡିଜାଇନ୍ ଓରିଏଣ୍ଟେଡ୍, ଷ୍ଟାଇଲିଶ୍ ଓ ଲଙ୍ଗ ଲାଷ୍ଟିଂ ମଧ୍ୟ ଥିଲା। ଏଥିସହିତ ଦୀର୍ଘବର୍ଷ ହେବ ରାଡୋର ଭାରତ ସହିତ ସମ୍ପର୍କ ଥିଲା। ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ମୁଁ ରାଡୋ ସହିତ ସଂଶ୍ଳିଷ୍ଟ ରହିଛି। ଅନ୍ୟପକ୍ଷରେ ଯେତେବେଳେ କୌଣସି ଲୋକ କଷ୍ଟ ସମୟରେ ଗତି କରେ, ସେତେବେଳେ ପ୍ରାୟତଃ ପ୍ରଫେସନାଲ ଓ ବିଜନେସ୍ ଆସୋସିଏଶନ୍ ତା'ଠାରୁ ପଛଘୁଞ୍ଚା ଦିଅନ୍ତି, 'ଆମେ ଏବେ ତୁମକୁ ହ୍ୟାଣ୍ଡେଲ କରିପାରିବୁ ନାହିଁ ବୋଲି କୁହନ୍ତି'। ଠିକ୍ ଅଛି ଏହା ଏକ ପ୍ରକାର ବିଜନେସ୍। କିନ୍ତୁ 'ରାଡୋ' ମୋ ପଛରେ ଛିଡ଼ା ହୋଇଥିଲା।

**❍ ବ୍ୟସ୍ତବହୁଳ ଜୀବନରେ ନିଜକୁ କିପରି ମେଣ୍ଟେନ କରନ୍ତି ?**

ମୁଁ ସକାରାତ୍ମକ ମନୋଭାବ ନେଇ କାମ କରିଥାଏ। ପ୍ରତି ଜିନିଷକୁ ଭଲ ଭାବେ ବୁଝିବାକୁ ଚେଷ୍ଟା କରିଥାଏ। ଚିନ୍ତାମୁକ୍ତରେ ରହିବାକୁ ଚେଷ୍ଟା କରେ। ସବୁବେଳେ ଖୁସିରେ ରହିବାକୁ ପସନ୍ଦ କରେ।

**❍ ୨୦୧୬ରେ 'ବୀରାପ୍ପାନ' ଫିଲ୍ମରେ ଶେଷଥର ପାଇଁ ପରଦାରେ ନଜରକୁ ଆସିଥିଲେ। ପୁଣି ଥରେ ଦର୍ଶକ କେବେ ଆପଣଙ୍କୁ ପରଦାରେ ଦେଖିବାକୁ ପାଇବେ?**

ଏ. ଆର. ରେହମାନଙ୍କ ଲିଖିତ '୯୯ ସଙ୍ଗସ' ନାମକ ଏକ ସିନେମାରେ ମୁଁ ଅଭିନୟ କରିଛି। ଏହି ସିନେମାର ନିର୍ମାଣ ଶେଷ ହୋଇଯାଇଛି। ଆସନ୍ତାବର୍ଷ ପ୍ରାରମ୍ଭରେ ଏହା ରିଲିଜ ହେବାର ରହିଛି। ସେହିଭଳି ଏବେ ଏକ ଆମାଜନ୍ ସିରିଜ୍‌ରେ ଅଭିନୟ କରୁଛି, ଯାହା ୨୦୧୯ରେ ପ୍ରସାରଣ ହେବ ବୋଲି ଭାବୁଛି।

**❍ ଓଡ଼ିଶା ଗସ୍ତ ସମ୍ପର୍କରେ କିଛି କହିବେ ?**

ଏହା ମୋର ପ୍ରଥମ ଗସ୍ତ ନୁହେଁ। ଛୋଟ ବେଳେ କଲିକତାରେ ରହୁଥିବା ସମୟରେ ଅନେକ ଥର ପୁରୀ ଆସିଛି। ପୁରୀ ବେଳାଭୂମି ବୁଲିବାକୁ ବହୁତ ମଜା ଲାଗେ।

– ସାକ୍ଷାତ: ଅସମାପିକା ସାହୁ